ଓଡ଼ିଶା ସାହିତ୍ୟ ଏକାଡେମୀ
ସଂସ୍କୃତି ବିଭାଗ, ଓଡ଼ିଶା ସରକାର
ସଂସ୍କୃତି ଭବନ, ଭୁବନେଶ୍ୱର-୭୫୧ ୦୧୪
ଦୂରଭାଷ-(୦୬୭୪) ୨୪୩୧୮୪୦

Phone / Fax- (0674) 2431840
**ODISHA SAHITYA AKADEMI**
(State Academy of Letters)
Department of Culture, Govt. of Odisha
SANSKRUTI BHAVAN: BHUBANESWAR - 751014

website:odishasahityaakademi.org , E-mail: odishasahityaakademi@gmail.com

ନଂ...୯୯୭.../ଓ.ସା.ଏ.,

ତା. ୦୮/୦୯/୨୦୨୧

## ଦର ତାଲିକା ଆହ୍ୱାନ ନୋଟିସ୍

ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଭୁବନେଶ୍ୱର ବି.ଜେ.ବି. ନଗରସ୍ଥ ରାଜ୍ୟ ସଂଗ୍ରହାଳୟ ପୁରୁଣା ପ୍ରଶାସନିକ କୋଠାର ତଳ ଓ ପ୍ରଥମ ମହଲା କୋଠରୀଗୁଡ଼ିକରେ ଗଚ୍ଛିତ ଥିବା ଆନୁମାନିକ ୪୦ କି.ଗ୍ରା. ଓଜନର ପ୍ରାୟ ୧୫୦୦ ପୁସ୍ତକ ପ୍ୟାକେଟ ଏବଂ ଉକ୍ତ ପରିସରସ୍ଥ ଏକାଡେମୀ ଭଣ୍ଡାର ଗୃହରେ ଗଚ୍ଛିତ ପୁସ୍ତକ ଗଠାଗୁଡ଼ିକ ସ୍ଥାନୀୟ ୟୁନିଟ୍-୨ସ୍ଥ ସି.ଆଇ.ଆଇ.ଏଲ୍. କାର୍ଯ୍ୟାଳୟ ପରିସରରେ ଥିବା କୋଠରୀକୁ ସ୍ଥାନାନ୍ତର ନିମନ୍ତେ ୪ ଟନ୍ ଓଜନର ମାଲ୍ ପରିବହନ କରୁଥିବା ଟ୍ରକ୍ ଭଡ଼ାରେ ନିଆଯିବ। ଏଥିପାଇଁ ଏକାଡେମୀ ପକ୍ଷରୁ ଆଗ୍ରହୀ ସରକାରୀ କିମ୍ବା ବେସରକାରୀ ପରିବହନ ସଂସ୍ଥାମାନଙ୍କଠାରୁ ପୁସ୍ତକ ପ୍ୟାକେଟ୍‌ଗୁଡ଼ିକର ପରିବହନ ନିମନ୍ତେ ଟ୍ରକ୍‌ରେ ପୁସ୍ତକ ବୋଝେଇ ଓ ଖଲାସ କରିବା ପାଇଁ ମୂଲିଆ ମଜୁରୀ ସହିତ ଟ୍ରକ୍ ଭଡ଼ା ମିଶି ଥର (ଟ୍ରିପ୍) ପ୍ରତି ଦର ତାଲିକା ଆହ୍ୱାନ କରାଯାଉଅଛି। ଦର ତାଲିକାଗୁଡ଼ିକ ମୁଦ୍ରିତ ଲଫାପାରେ "ଟ୍ରକ୍ ଭଡ଼ା ପାଇଁ ଦର ତାଲିକା" ଉଲ୍ଲେଖ ଥାଇ ତା୨୦.୦୯.୨୦୨୧ରିଖ ଅପରାହ୍ନ ୪.୦୦ଘଟିକା ସୁଦ୍ଧା ସଚିବ, ଓଡ଼ିଶା ସାହିତ୍ୟ ଏକାଡେମୀ, ଭୁବନେଶ୍ୱର-୭୫୧୦୧୪ଙ୍କ ଠିକଣାରେ ପହଞ୍ଚିବା ଆବଶ୍ୟକ। ନିର୍ଦ୍ଧାରିତ ସମୟ ମଧ୍ୟରେ ମିଳିଥିବା ଦର ତାଲିକଗୁଡ଼ିକ ସେହିଦିନ ଅପରାହ୍ନ ୫.୦୦ଘଟିକା ସମୟରେ ଖୋଲାଯାଇ ସର୍ବନିମ୍ନ ଦର ପ୍ରଦାନକାରୀଙ୍କଠାରୁ ଟ୍ରକ୍ ଭଡ଼ାରେ ଅଣାଯିବର ବ୍ୟବସ୍ଥା କରାଯିବ। ଏକାଡେମୀ କର୍ତ୍ତୃପକ୍ଷ ଚାହିଁଲେ ଏହି ଦର ତାଲିକା ନୋଟିସ୍ କୌଣସି କାରଣ ନଦର୍ଶାଇ ବାତିଲ କରିପାରିବେ।

ସଚିବ
ଓଡ଼ିଶା ସାହିତ୍ୟ ଏକାଡେମୀ

ଜ୍ଞାପକ ସଂଖ୍ୟା...୯୯୭(୬)...ଓ.ସା.ଏ., ତା. ୦୮/୦୯/୨୦୨୧

ଉପରୋକ୍ତ ଦର ତାଲିକା ନୋଟିସ୍‌ର ଏକକିତା ନକଲ ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା, ଭୁବନେଶ୍ୱର/ଅଧୀକ୍ଷକ, ରାଜ୍ୟ ସଂଗ୍ରହାଳୟ, ଭୁବନେଶ୍ୱର/ ଅଧୀକ୍ଷକ, ଓଡ଼ିଶା ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ, ଭୁବନେଶ୍ୱର/ଅଧୀକ୍ଷକ ରାଜ୍ୟ ଅଭିଲେଖାଗାର, ଭୁବନେଶ୍ୱର/ ସଚିବ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ/ ଓଡ଼ିଶା ଲଳିତକଳା ଏକାଡେମୀ/ ଓଡ଼ିଶା ଉର୍ଦ୍ଦୁ ଏକାଡେମୀ, ଭୁବନେଶ୍ୱରଙ୍କୁ ସେମାନଙ୍କ କାର୍ଯ୍ୟାଳୟ ନୋଟିସ୍ ବୋର୍ଡରେ ସର୍ବସାଧାରଣଙ୍କ ସୂଚନା ନିମନ୍ତେ ସ୍ଥାନିତ କରିବା ପାଇଁ ଅନୁରୋଧ ପୂର୍ବକ ପ୍ରଦାନ କରାଗଲା।

ସଚିବ
ଓଡ଼ିଶା ସାହିତ୍ୟ ଏକାଡେମୀ

ଉପରୋକ୍ତ ଦର ତାଲିକା ନୋଟିସ୍‌ର ଏକକିତା ନକଲ ଓଡ଼ିଶା ସାହିତ୍ୟ ଏକାଡେମୀ ନୋଟିସ୍ ବୋର୍ଡକୁ ସର୍ବସାଧାରଣଙ୍କ ସୂଚନା ନିମନ୍ତେ ପ୍ରଦାନ କରାଗଲା।